# NATIONAL NEWS BULLETIN (ODIA)

## 9 January - 2025

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ପ୍ରବାସୀ ଭାରତୀୟଙ୍କଠାରୁ ମିଳିଥିବା ଭଲପାଇବା ଓ ସମ୍ମାନ ଅବିସ୍ମରଣୀୟ - କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରବାସୀ ତୀର୍ଥ ଦର୍ଶନ ଯୋଜନାରେ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍ ଉଦ୍‌ଘାଟିତ ।

- ମହାକୁମ୍ଭ ମେଳା ଲାଗି ଚୂଡାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

\- ଆଜି ସମୀକ୍ଷା କରିବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ।

ଏବଂ

- ଆମେରିକାରେ ଅଣାୟତ ବନାଗ୍ନି

  \- ୫ ମୃତ, ଅନେକ ଆହତ ।

---

# ପିଏମ୍-ପ୍ରବାସୀ ଭାରତୀୟ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରର ଜନତା ମଇଦାନରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ସମଗ୍ର ବିଶ୍ୱରେ ଭାରତର ରାଷ୍ଟ୍ରଦୂତ ଭାବେ  ଦେଶର ସେବା କରୁଥିବାରୁ ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କୁ ପ୍ରଶଂସା କରିଛନ୍ତି । ସେମାନଙ୍କ ପ୍ରତି କୃତଜ୍ଞତାବ୍ୟକ୍ତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରବାସୀ ଭାରତୀୟମାନଙ୍କୁ ସେ ସବୁବେଳେ ଦେଶର ରାଷ୍ଟ୍ରଦୂତର ମାନ୍ୟତା ଦେଇଛନ୍ତି । ପ୍ରବାସୀ ଭାରତୀୟଙ୍କ ଠାରୁ ବିଶ୍ୱବ୍ୟାପୀ ଯେଉଁ ଭଲପାଇବା ଓ ସମ୍ମାନ ପାଇଛନ୍ତି ତାହା ଅବିସ୍ମରଣୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେମାନେ ବିଶ୍ୱସ୍ତରରେ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ଏବଂ ସେମାନଙ୍କର ସଫଳତା ଦେଶକୁ ଗର୍ବିତ କରୁଛି । ସେମାନଙ୍କ ପାଇଁ ବିଶ୍ୱସ୍ତରରେ ଭାରତର ସମ୍ମାନ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୧୦ବର୍ଷ ମଧ୍ୟରେ ସେ ଭେଟିଥିବା ସମସ୍ତ ବିଶ୍ୱ ନେତା ପ୍ରବାସୀ ଭାରତୀୟଙ୍କର ପ୍ରଶଂସା କରିଛନ୍ତି । ଭାରତ କେବଳ ଗଣତନ୍ତ୍ରର ଜନନୀ ନୁହେଁ, ପ୍ରତ୍ୟେକ ଭାରତୀୟଙ୍କ ଜୀବନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଭରପୁର ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## V/o-

ଆଜିର ଦିନର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୧୯୧୫ ମସିହା ଆଜିର ଦିନରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ବହୁବର୍ଷ ବିଦେଶ ରହଣୀ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ଆଉ ଅଳ୍ପ ଦିନ ପରେ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ଆରମ୍ଭ ହେବ । ଏବେ ଭାରତରେ ଅନେକ ଉତ୍ସବ ଆୟୋଜିତ ହେବାକୁ ଯାଉଛି । ମହାକୁମ୍ଭ ପରେ ଲୋହରି, ପୋଙ୍ଗଲ ଓ ମାଘ ବିହୁ ଅନୁଷ୍ଠିତ ହେବ । ଏହିଭଳି ସମୟରେ ଭାରତରେ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତି ପାର୍ବଣର ପରିବେଶକୁ ଆହୁରି ଆନନ୍ଦମୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନକୁ ସେ ସ୍ମରଣ କରିଛନ୍ତି । ଏହି ଦିବସ ପାଳନ ଦେଶ ସହିତ ପ୍ରବାସୀ ଭାରତୀୟଙ୍କ ସମ୍ପର୍କକୁ ବଳିଷ୍ଠ କରିଛି । ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ଭୂମି ଭାରତର ସମୃଦ୍ଧ ପରମ୍ପରାକୁ ପ୍ରତିଫଳିତ କରୁଛି । ଓଡ଼ିଶାରେ ଥିବା ଉଦୟଗିରି, ଖଣ୍ଡଗିରି ଗୁମ୍ଫା, କୋଣାର୍କ ମନ୍ଦିର ଓ ମାଣିକପାଟଣା ଏବଂ ତାମ୍ରଲିପ୍ତି ଭଳି ପୁରାତନ ବନ୍ଦର ଆଦି କୀର୍ତ୍ତିରାଜି ପାଇଁ ଦେଶ ଗର୍ବିତ । ଆଜି ପ୍ରଧାନମନ୍ତ୍ରୀ ପ୍ରବାସୀ ତୀର୍ଥ ଦର୍ଶନ ଯୋଜନାରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍'ର ଉଦ୍‌ଘାଟନ କରିଛନ୍ତି । ଆଭାସୀ ମାଧ୍ୟମରେ ଏହି ଟ୍ରେନ୍‌ର ନିଜାମୁଦ୍ଦୀନ ରେଲଷ୍ଟେସନରୁ ଆରମ୍ଭ ହୋଇଥିବା ପ୍ରଥମ ଯାତ୍ରାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍‌ରେ ନୂଆଦିଲ୍ଲୀର ନିଜାମୁଦ୍ଦୀନ ରେଳ ଷ୍ଟେସନରୁ ପ୍ରବାସୀ ଭାରତୀୟମାନେ ଦେଶର ବିଭିନ୍ନ ଧାର୍ମିକ ଓ ପର୍ଯ୍ୟଟନ କେନ୍ଦ୍ରକୁ ଯାତ୍ରା କରିବେ । ଆଜିର ଉଦ୍‌ଘାଟନୀ ସଭାରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ । ଆଜିର ଉତ୍ସବ

୩ଥର ଗ୍ରାମୀ ସମ୍ମାନ ପାଇଥିବା ରିକି କେଜ୍‌ଙ୍କ ସଂଗୀତ ପରିବେଷଣ ସହ ଆରମ୍ଭ ହୋଇଥିଲା ।

ଆସନ୍ତାକାଲି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କେତେଜଣ ପ୍ରବାସୀ ଭାରତୀୟଙ୍କୁ ରାଷ୍ଟ୍ରପତି ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରିବେ ।

ସୂଚନାଯୋଗ୍ୟ ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ପକ୍ଷରୁ ଗତକାଲି ଠାରୁ ଆସନ୍ତାକାଲି ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମାରୋହ ହେଉଛି । ସମାରୋହର ଶୀର୍ଷକ ରହିଛି **ବିକଶିତ ଭାରତରେ ପ୍ରବାସୀଙ୍କ ଅବଦାନ ।** ଏହି ସମ୍ମିଳନୀରେ ୫୦ରୁ ଅଧିକ ଦେଶର ପ୍ରତିନିଧିମାନେ ଯୋଗଦେବା ଲାଗି ପଞ୍ଜୀକରଣ କରିଛନ୍ତି ।

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ମହାକୁମ୍ଭ ନଗରରେ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଥିବା ମହାକୁମ୍ଭ ମେଳା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସଙ୍ଗମ ସ୍ଥଳରେ ବିଭିନ୍ନ ପାରମ୍ପରିକ ରୀତିନୀତି ସମ୍ପନ୍ନ କରିବା ପାଇଁ ୧୨ କିଲୋମିଟର ଦୀର୍ଘ ନଦୀ କୂଳରେ ସମସ୍ତ ବ୍ୟବସ୍ଥା କରାଯାଇଛି । ଆଜି ସଂଧ୍ୟାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବେ । ଆସନ୍ତାମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କୁମ୍ଭ ମେଳା ଗଙ୍ଗା, ଯମୁନା ଏବଂ

ସରସ୍ୱତୀ ନଦୀର ସଂଗମ ସ୍ଥଳ ପ୍ରୟାଗରାଜଠାରେ ଅନୁଷ୍ଠିତ ହେବ । ଏଥିରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ଯୋଗଦେବାର ଆଶା କରାଯାଉଛି ।

ସୂଚନା ମୁତାବକ ସନାତନ ସଂସ୍କୃତିର ଏହି ମହାନ ମହାକୁମ୍ଭରେ ୪୫କୋଟିରୁ ଅଧିକ ଭକ୍ତ ଦେଶ ବିଦେଶରୁ ଯୋଗଦେବେ । ଭକ୍ତମାନଙ୍କ ଲାଗି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ଏବଂ ସେଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି । ସଂଗମ ଅଞ୍ଚଳର ପ୍ରମୁଖ ଘାଟଗୁଡ଼ିକୁ ପୁନଃ ବିକଶିତ କରାଯିବା ସହ ଆବଶ୍ୟକସ୍ଥଳେ ପୁନଃ ନିର୍ମାଣ କରାଯାଉଛି । ମେଳା ଅଧିକାରୀ ଅଭିନବ ପାଠକ କହିଛନ୍ତି ଗଙ୍ଗା ଓ ଯମୁନା ନଦୀ କୂଳରେ ୭ଟି କଂକ୍ରିଟ ତିଆରି ଘାଟ ନିର୍ମାଣ କରାଯାଇଛି । ଏଥିରେ ଦଶ୍ୱାସମେଧ ଘାଟ, କାଳୀଘାଟ, ଛଟନାଗ ଘାଟ, କିଲା ଘାଟ, ସରସ୍ୱତୀ ଘାଟ, ମୋରି ଘାଟ ଓ ମହେବା ଘାଟ ରହିଛି । ପ୍ରତ୍ୟେକ ଘାଟରେ ଭକ୍ତମାନେ ଯେଭଳି ସୁରୁଖୁରୁରେ ପୋଷାକ ପରିବର୍ତ୍ତନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି । ଭକ୍ତମାନଙ୍କ ଲାଗି ଘାଟ ଚିହ୍ନଟ ନିମନ୍ତେ ଘାଟ ଗୁଡ଼ିକରେ ତ୍ରିଶୂଳ ଏବଂ ଡମ୍ବରୁ ସ୍ଥାପନ କରାଯାଇଛି । ଏହି ମେଳାରେ କୋଟି କୋଟି ଭକ୍ତ ସମାଗମ ହେବାର ସମ୍ଭାବନା ରହିଥିବାରୁ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି ।

ସୂଚନା ଅନୁଯାୟୀ ବିଭିନ୍ନ ସ୍ଥାନରେ ନିରୀକ୍ଷଣ ଟାୱାର ସ୍ଥାପନ କରାଯିବା ସହ ଘାଟ ଗୁଡ଼ିକରେ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ଲଦାଖ ବିକଶିତ

ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଅଧୀନରେ ଲଦାଖର ଯୁବ କଳାକାରମାନଙ୍କ ଏକ ଦଳ ଆଜି ସକାଳେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି । ସେମାନେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆସନ୍ତାକାଲିଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଭାଗନେବେ । ଏହି ୧୬ଜଣିଆ ଦଳରେ ୧୩ଜଣ ମହିଳା କଳାକାର, ଜଣେ ପ୍ରାବନ୍ଧିକ ଓ ୨ଜଣ ସରକାରୀ ଅଧିକାରୀ ଅଛନ୍ତି ।

ଆସନ୍ତାକାଲି ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଦେଶର କୋଣଅନୁକୋଣରୁ ଯୁବ ପ୍ରତିଭାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ । ଦେଶରେ ସାଂସ୍କୃତିକ ଐତିହ୍ୟ, ଦୃଢ଼ ନେତୃତ୍ୱ ଏବଂ ଐକ୍ୟ ସ୍ଥାପନ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ଚିନ୍ତନ ଶିବିର

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆସନ୍ତାକାଲି ରାଜସ୍ଥାନର ଉଦୟପୁରଠାରେ ତିନିଦିନିଆ ଚିନ୍ତନ ଶିବିରର ଉଦ୍‌ଘାଟନ କରିବେ । ଦେଶବ୍ୟାପୀ ମହିଳା ଓ ଶିଶୁମାନଙ୍କର ସାମଗ୍ରିକ ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଏହି ଚିନ୍ତନ ଶିବିରରେ ଆଲୋଚନା କରିବେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ମହିଳା ଓ ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ଉପାଦେୟତା, ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ

କରିବାରେ ରହିଥିବା ଆହ୍ୱାନ ଓ ସମସ୍ୟା ଆଦି ସମ୍ପର୍କରେ ଏହି ଶିବିରରେ ପ୍ରତିନିଧିମାନେ ମତ ବିନିମୟ କରିବେ ।

## କେଜରିୱାଲ-ପୋଲ୍ସ

ଆମ୍ ଆଦ୍‌ମୀ ପାର୍ଟିର ଆବାହକ ଅରବିନ୍ଦ କେଜରିୱାଲ କହିଛନ୍ତି ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ଆପ୍ ଏବଂ ବିଜେପି ମଧ୍ୟରେ ହେଉଛି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କେଜରିୱାଲ କହିଛନ୍ତି ଏହି ନିର୍ବାଚନରେ ଇଣ୍ଡିଆ ମେଣ୍ଟର କୌଣସି ଭୂମିକା ନାହିଁ । ଯେଉଁ ରାଜନୈତିକ ଦଳଗୁଡ଼ିକ ତାଙ୍କ ଦଳକୁ ସମର୍ଥନ କରୁଛନ୍ତି ସେମାନଙ୍କୁ ଶ୍ରୀ କେଜରିୱାଲ ଧନ୍ୟବାଦ ଜଣାଇବା ସହ କହିଛନ୍ତି ତୃଣମୂଳ କଂଗ୍ରେସର ମମତା ବାନାର୍ଜୀ ଏବଂ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଆମ୍ ଆଦ୍‌ମୀ ପାର୍ଟିକୁ ସମର୍ଥନ ଦେଇଛନ୍ତି । ସେ କହିଛନ୍ତି ଦିଲ୍ଲୀରେ ବସବାସ କରୁଥିବା ଜାଟ୍ ସମ୍ପ୍ରଦାୟକୁ କେନ୍ଦ୍ରର ଅନ୍ୟାନ୍ୟ ପଛୁଆ ବର୍ଗ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି । ଇତିମଧ୍ୟରେ ବିଜେପି ସାଂସଦ ମନୋଜ ତିୱାରି ଅଭିଯୋଗ କରିଛନ୍ତି ପୂର୍ବରୁ ଅନେକଥର କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି କେବଳ ଦୁର୍ନୀତି ଲୁଚାଇବା ପାଇଁ ମେଣ୍ଟ କରିଥିଲେ । ସେ କହିଛନ୍ତି ଉଭୟ ଦଳ ମଧ୍ୟରେ ଅନେକଗୁଡ଼ିଏ ମତପାର୍ଥକ୍ୟ ରହିଛି ।

## ଆମେରିକା-ୱାଇଲ୍ଡ ଫାୟାର

ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଲସ୍ ଆଞ୍ଜେଲ୍ସରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୫ଜଣଙ୍କ ମୃତ୍ୟୁ ଘଟିଛି । ଏହି ନିଆଁରେ ହଜାର ହଜାର ଘର ପୋଡ଼ିଜଳି ପାଉଁଶ ହୋଇଥିବାବେଳେ ଲୋକମାନଙ୍କୁ ଯୁଦ୍ଧକାଳୀନ

ଭିତ୍ତିରେ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ଏଭଳି ପରିସ୍ଥିତିରେ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍ ବିଦେଶ ଗସ୍ତ ବାତିଲ କରିଛନ୍ତି । ଗତ ମଙ୍ଗଳବାରଠାରୁ ଲସ୍ ଆଞ୍ଜେଲ୍ସରେ ସଂଗଠିତ ବନାଗ୍ନି ଜନବସତି ଅଞ୍ଚଳକୁ ପ୍ରବଳ ବେଗରେ ବ୍ୟାପିବାରେ ଲାଗିଛି । ପ୍ରଥମେ ପାଲିସେଡସ ଅଞ୍ଚଳକୁ ଏହି ବନାଗ୍ନି ବ୍ୟାପୀବା ପରେ ଜନବସତିରେ ଥିବା ଘରଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ପାଖାପାଖି ୧୦ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାବେଳେ ନାମିଦାମି କାର୍ ଏବଂ ଅନ୍ୟାନ୍ୟ ଆସବାବପତ୍ର ନଷ୍ଟ ହୋଇଯାଇଛି । ଅଗ୍ନିଶମବାହିନୀ ପକ୍ଷରୁ ଗତ ମଙ୍ଗଳବାରଠାରୁ ନିଆଁକୁ ଆୟତ୍ତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଏହା ଅଧିକରୁ ଅଧିକ ବ୍ୟାପିବାରେ ଲାଗିଛି ।

ସୂଚନା ଅନୁଯାୟୀ ଏହି ଅଗ୍ନିକାଣ୍ଡରେ ଏକହଜାରରୁ ଅଧିକ ଘର ନଷ୍ଟ ହୋଇଥିବାବେଳେ ୭୦ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି ।

## ବାଂଲାଦେଶ ଫାୟାର

ବାଂଲାଦେଶର ଶବର ନିକଟ ଢ଼ାକା ଅରିଛ ରାଜପଥରେ ଏକ ବସ୍ ସହ ଆମ୍ବୁଲାନ୍ସ ଧକ୍କାରେ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୫ଜଣ ଆହତ ହୋଇଛନ୍ତି । ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯାଇ ବିସ୍ଫୋରଣ ଘଟିଥିଲା । ଦୁର୍ଘଟଣା ପରେ ବହୁସମୟ ଧରି ରାଜପଥରେ ଯାତାୟତ ବ୍ୟାହତ ହୋଇଥିଲା ।